**The Samaja**
**Date: 22.09.2018**

# ଆଇଆଇଟିର ସମାବର୍ତ୍ତନ ଉତ୍ସବ ଆଜି

ଜଟଣୀ, ୨୧।୯(ନି.ପ୍ର): ଅରୁଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱର ସ୍ଥାୟୀ କ୍ୟାମ୍ପସ୍‌ର କମ୍ୟୁନିଟି ସେଣ୍ଟର ଠାରେ ଆଇଆଇଟିର ୭ମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହେବ। ଏହି ଅବସରରେ ୩୧୨ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଆଇଆଇଟି ସଭାଗୃହରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜକୁମାର ସୂଚନା ଦେଇଛନ୍ତି।

ଏଥିରେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ସଚିବ ପ୍ରଫେସର ଆଶୁତୋଷ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେବେ। ଆଇଆଇଟି ଭୁବନେଶ୍ୱର ପରିଚାଳନାମଣ୍ଡଳୀର ଚେୟାରମ୍ୟାନ ପଙ୍କଜ ରମଣଭାଇ ପଟେଲ ଏଥିରେ ଅଧ୍ୟକ୍ଷତା କରିବେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀରେ ଆଇଆଇଟିର ଡିନ୍ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା, ପ୍ରଫେସର ପିଆରପିଡ଼ି ରେଡ୍ଡି, ପ୍ରଫେସର ପ୍ରଭାତ ରଞ୍ଜନ ସାହୁ ଏବଂ କୁଳସଚିବ ଦେବରାଜ ରଥ ଉପସ୍ଥିତ ଥିଲେ।